# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ

**(ସଂସ୍କୃତି ବିଭାଗ)**

**ସଂଖ୍ୟା: ୮୭୯ /ସଂସ୍କୃତି, ତା: ୧୮.୦୯.୨୦୨୫**

## କୋଟେସନ (Quotation)

ଏତଦ୍ ଦ୍ୱାରା ଇଚ୍ଛୁକ ବ୍ୟବସାୟୀ/ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହବିଷ୍ୟାଳି କାର୍ତ୍ତିକ ବ୍ରତ ଯୋଜନା-୨୦୨୫ ଅଧୀନରେ କାର୍ତ୍ତିକ ବ୍ରତ ପାଳନ କରିବାକୁ ଆସିବାକୁ ଥିବା ହବିଷ୍ୟାଳି ମାନଙ୍କୁ ନିମ୍ନ ଲିଖିତ ଆଶ୍ରୟସ୍ଥଳୀ ମାନଙ୍କରେ ତା.୦୭.୧୦.୨୦୨୫ ରିଖ ଠାରୁ ତା.୦୫.୧୧.୨୦୨୫ ରିଖ ପର୍ଯ୍ୟନ୍ତ ସକାଳ ଓ ସନ୍ଧ୍ୟାରେ ଚା' (କ୍ଷୀର ଯୁକ୍ତ) ମିଠା/ବିନା ମିଠା ଯୋଗାଇଦେବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ସାଧା କାଗଜରେ ଚା' କପ(୧୮୦ମି.ଲି) ପ୍ରତି ଦର ଉଲ୍ଲେଖ କରି ଜଉମୁଦ ଦିଆ ଲଫାପା ଯୋଗେ ତା.୧୯.୦୯.୨୦୨୫ ରିଖ ପୂର୍ବାହ୍ନ ୧୦.୦୦ ଠାରୁ ତା- **୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୦୦ଟିକା** ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ BANK DRAFT (ଜିଲ୍ଲା ନିଜାରତ ଅଧିକାରୀ, ପୁରୀ) କିମ୍ବା ନଗଦ ଆକାରରେ **ଟ.୫୦୦/-ଙ୍କା** କୋଟେସନ ଦେୟ(Quotation Charge ଏହା ଫେରସ୍ତ ନୁହେ) ବାବଦକୁ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ ଜମା ଦେଇ କୋଟେସନ (Quotation) ପେପର ସହ ସଂପୃକ୍ତ ବ୍ୟବସାୟୀ/ସଂସ୍ଥାର GST ପଞ୍ଜୀକରଣ ସାର୍ଟିଫିକେଟ, PAN କାର୍ଡ ଆଦିର ନକଲ Self Attested କରି ଦାଖଲ କରିବେ । ଏହା ସହିତ ସଂପୃକ୍ତ ବ୍ୟବସାୟୀ/ସଂସ୍ଥା ସରକାରଙ୍କ ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନାହାନ୍ତି ବୋଲି ଏକ ଘୋଷଣାନାମା ଦେବେ ।

ଧାର୍ଯ୍ୟ ସମୟ ସୁଦ୍ଧାମିଳିଥିବା କୋଟେସନଗୁଡିକ ତା.୨୫.୦୯.୨୦୨୫ ରିଖ ଅପରାହ୍ନ ଘ ୦୩.୩୦ ଟିକା ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ସମ୍ପୃକ୍ତ କୋଟେସନ ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ ନୁହଁନ୍ତି । ଚୟନ ହୋଇଥିବା ବ୍ୟବସାୟୀ security deposit ବାବଦରେ **ଟ.୭୦,୦୦୦/-(ସତୁରୀ ହଜାର ଟଙ୍କା)** ଅମାନତ ରଖାଯିବ ଏବଂ ଉକ୍ତ ରାଶି ସନ୍ତୋଷଜନକ ଯୋଗାଣ ତଥା ହବିଷ୍ୟାଳି ବ୍ରତ ଶେଷ ପରେ ଫେରସ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ, କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ କୋଟେସନ ରଦ୍ଦ କରିପାରିବେ । (କୋଟେସନ)quotation ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

ହବିଷ୍ୟାଳିଙ୍କ ଆଶ୍ରୟସ୍ଥଳୀ

୧. ବୃନ୍ଦାବତୀ ନିବାସ, ନରେନ୍ଦ୍ର କୋଣ, ପୁରୀ
୨. ବଗଲା ଧର୍ମଶାଳା, ବଡଦାଣ୍ଡ, ପୁରୀ
୩. ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୁରୀ
୪. ମୋଚିସାହି କଲ୍ୟାଣ ମଣ୍ଡପ, ମୋଚିସାହି, ପୁରୀ

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ପୁରୀ**

ଜ୍ଞାପକ ସଂଖ୍ୟା: ୮୭୨ /ସଂସ୍କୃତି, ତାରିଖ. ୧୮/୦୯/୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୭୩/ସଂସ୍କୃତି, ତାରିଖ. ୧୮/୦୯/୨୦୨୪

ଏହାର ଏକକିତା ନକଲ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ଜଣାଇ ଦିଆଗଲା।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୭୪ /ସଂସ୍କୃତି, ତାରିଖ. ୧୮/୦୯/୨୦୨୪

ଏହାର ବହୁଳ ପ୍ରସାର ନିମନ୍ତେ ଏକକିତା ନକଲ, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ / ଆରକ୍ଷୀ ଅଧୀକ୍ଷକ, ପୁରୀ/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ/ତହସିଲଦାର, ପୁରୀ/ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁରୀ/ଜିଲ୍ଲା ସୂଚନା & ଲୋକ ସମ୍ପର୍କ ଅଧିକାରୀ, ପୁରୀଙ୍କ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୭୫/ସଂସ୍କୃତି, ତାରିଖ. ୧୮/୦୯/୨୦୨୪

ଏହାର ଏକକିତା ନକଲ DeGM,ପୁରୀଙ୍କ ଅବଗତି ଓ ୱେବସାଇଟରେ ପରିବେଷଣ କରାଯିବ ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**